# Akashvani, Sambalpur

## SAMBALPURI NEWS EVENING BULLETIN

## 4 January 2025- 7.02 pm- 7.12 pm.

*******************************************

୧- ଗାଁର୍ ଲୁକେ ସମ୍ମାନ୍ ସହେତେ ବଁଚ୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍ ନେଉଛନ୍ ଭିନ୍ ଭିନ୍ ପଦକ୍ଷେପ୍ - କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ପି.ଏମ୍. ଗ୍ରାମୀଣ୍ ମହୋତ୍ସବ୍‌କେ କଲେ ଉଦ୍‌ଘାଟନ୍ ।

୨- ରାଏଜେ ୨ ହଜାର୍ ଟ୍ରାଫିକ୍ ପୁଲିସ୍ ପଦ୍‌ବୀ ସୃଷ୍ଟି ସହେତେ ଇ ବଛର୍ ୫ ଶହ ନିଯୁକ୍ତି ଦିଆଯିବା- କହେଲେ ମୁଖ୍ୟମନ୍ତ୍ରୀ ।

୩- ଆଏବା ୧୫ ତାରିଖ୍ ଉତ୍‌ରୁ ମିଲ୍‌ବା ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତିର୍ ୪ ନମ୍ବର୍ ଖେପ୍ ଟଙ୍କା ।

ଆଉର୍

୪- ସମ୍ବଲ୍‌ପୁର୍ ବିର୍ସାମୁଣ୍ଡା ପଡ଼ିଆ ଠାନେ ମୁଲ୍ ହେଉଛେ ସମ୍ବଲ୍‌ପୁର୍ ଲୋକ୍‌ମହୋତ୍ସବ୍-୨୦୨୫ ।

ପିଏମ୍ ଗ୍ରାମୀଣ୍ ମହୋତ୍ସବ୍ ଆର୍ଏନ୍ୟୁ/ କଟକ୍

ଗାଁର୍ ଲୁକେ ସମ୍ମାନ୍‌ର ସହେତେ ବଁଚ୍‌ବାର୍ ଲାଗି କେନ୍ଦ୍ର ସର୍କାର୍ ଭିନ୍ ଭିନ୍ ପଦକ୍ଷେପ୍ ନଉଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀ ଠାନେ ଆଏଜ୍ ଗ୍ରାମୀଣ୍ ଭାରତ୍ ମହୋତ୍ସବ୍ ୨୦୨୫ କେ ଉଦ୍‌ଘାଟନ୍ କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍...

(ଭଏସ୍ ଓଭର୍-ପ୍ରଧାନ୍‌ମନ୍ତ୍ରୀ)

ଗ୍ରାମାଂଚଲ୍‌କେ ଆତ୍ମନିର୍ଭରଶୀଲ୍ କର୍‌ବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ କିଷାନ୍ ସମ୍ମାନ୍‌ନିଧି ଯୋଜ୍‌ନାଥି ୩ ଲାଖ୍ କୋଟି ଟଙ୍କା ସାହାଜ୍ ଦିଆଯାଇଛେ । ସ୍ୱଚ୍ଛ ଭାରତ୍ ଅଭିଯାନ୍, ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା, ଜଲ୍‌ଜୀବନ୍ ମିଶନ୍ ସହେତେ ସର୍କାର୍‌ଙ୍କର୍ ସବୁ ପଦକ୍ଷେପ୍ ଗାଁ ଇଲାକାର୍ ବିକାଶ୍ ଲାଗି ଆଏ ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ । ଦେଢ଼୍‌ଲାଖ୍‌ନୁ ଅଏତ୍‌କା ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର୍ ଜରିଏ ଲୋକ୍‌ମାନେ ଉନ୍ନତ୍ ସ୍ୱାସ୍ଥ୍ୟସେବା ପାଇପାରୁଛନ୍ । ଡିଜିଟାଲ୍ ଜ୍ଞାନ୍‌କୌଶଲ୍ ସହାୟତାଥି ଦେଶର୍ ଶ୍ରେଷ୍ଠ ଡାକ୍ତର୍ ଆର୍ ହାସ୍‌ପାତାଲ୍ ମାନ୍‌କୁ ଗାଁ ଇଲାକା ସାଙ୍ଗେ ଜୁଡ଼ାଯାଇପାରିଛେ । ଆଏବା ୯ ତାରିଖ୍‌ତକ୍ ଭାରତ୍ ମଣ୍ଡପମ୍ ଠାନେ ହେଉଥିବା ଇ ମହୋତ୍ସବ୍‌ର ଶୀର୍ଷକ୍ ରହିଛେ ୨୦୪୭ ବିକଶିତ୍ ଭାରତ୍ ଗଠନ୍ ଲାଗି ସଶକ୍ତ ଗ୍ରାମୀଣ ବ୍ୟବସ୍ଥା ।

## ରାଜ୍ୟସ୍ତରୀୟ ଜାତୀୟ ସଡ଼କ ସୁରକ୍ଷା ମାସ -ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ସଡ଼କ୍ ସୁରକ୍ଷାକେ ଲୋକ୍ ଅଭିଯାନ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ ମାଝୀ ଆହ୍ୱାନ୍ ଦେଇଛନ୍ । ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ଜାତୀୟ ସଡ଼କ୍ ସୁରକ୍ଷା ମାସର୍ ରାଜ୍ୟସ୍ତରୀୟ ଉଛବ୍ ଆଏଜ୍ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ଉଦ୍‌ବୋଧନ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ୨ ହଜାର୍ ଟ୍ରାଫିକ୍ ପୁଲିସ୍ ପଦବୀ ସୃଷ୍ଟି କରାଯିବା ଆର୍ ଇବଛର୍ ୫ ଶହ ଟ୍ରାଫିକ୍ ପୁଲିସ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବା । ଇ ଅବ୍‌ସରେ ସେ ରାଜ୍ୟର୍ ନିଜର୍ ରାଇଡିଂ ବୁକିଂ ଆପ୍ 'ଓଡ଼ିଶା ଯାତ୍ରୀ' ଆପ୍‌କେ ଭିଲ୍ ଶୁଭାରମ୍ଭ କରିଛନ୍ ।

ସଡ଼କ୍ ସୁରକ୍ଷା ମାସ ଉଛବ୍ ପାଲନ୍ ଉଧେ ଭୁବନେଶ୍ୱର ମାଷ୍ଟର କେଂଟିନ୍ ଛକ୍‌ନୁ ରାମ୍‌ମନ୍ଦିର ଛକ୍‌ତକ୍ ଗୁଟେ ସଚେତନତା ପଦଯାତ୍ରା ହେଇଥିଲା । ମୁଖ୍ୟମନ୍ତ୍ରୀ ନିଜେ ପଦଯାତ୍ରାଥି ସାମିଲ୍ ହେବାର୍ ସହେତେ ଗାଡ଼ି ଚାଲକ୍, ଏନ୍‌ସିସି କେଡେଟ୍ ଆର୍ ଲୁକ୍‌କୁ ସଡ଼କ ସୁରକ୍ଷା ଶପଥ ପାଠ କରେଇଛନ୍ ।

କାର୍ଯ୍ୟକ୍ରମ୍‌ଥି ବାଣିଜ୍ୟ ଆର୍ ପରିବହନ୍ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୁଲିସ୍ ମହାନିର୍ଦ୍ଦେଶକ୍

ଯୋଗେଶ୍ ବାହାଦୂର୍ ଖୁରାନିଆ, ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ, ବିଧାୟକ୍ ଆର୍ ସଚିବ୍‌ମାନେ ଯୋଗ୍ ଦେଇଥିଲେ ।

ଉତ୍କର୍ଷ ଓଡ଼ିଶା ସମୀକ୍ଷା                    ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଏବା ୨୮ ତାରିଖ୍ ଓଡ଼ିଶା ଗସ୍ତଥି ଆସୁଛନ୍ । ଭୁବନେଶ୍ୱର୍‌ଠାନେ ଆଏବା ୨୭ନୁ ୨୯ ତାରିଖ୍ ତକ୍ ହେବାର୍‌କେ ଥିବା ଉତ୍କର୍ଷ ଓଡ଼ିଶା ସମ୍ମିଳନୀର୍ ଦୁଇ ନମ୍ବର ଦିନେ ପ୍ରଧାନମନ୍ତ୍ରୀ ଶିଳ୍ପପତି ଆର୍ ପୁଞ୍ଜିନିବେଶ୍‌କାରୀମାନ୍‌ଙ୍କୁ ଉଦ୍‌ବୋଧନ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଉତ୍କର୍ଷ ଓଡ଼ିଶା ସମ୍ମିଳନୀକେ ନେଇକରି ଆଏଜ୍ ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍‌ଠାନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ ମାଝୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସମୀକ୍ଷା ବୈଠକ୍ ନ ଇ ସୂଚ୍‌ନା ମିଳିଛେ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ସମ୍ମିଳନୀ ଲାଗି ଚାଲିଥିବା ପ୍ରସ୍ତୁତି ବାବ୍‌ଦେ ଶିଳ୍ପ ବିଭାଗର୍ ପ୍ରମୁଖ ସଚିବ ଟିକିନିଖି ସୂଚ୍‌ନା ଦେଇଥିଲେ ।

ଆଦିବାସୀ ମେଳା        I & PR

ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆନେ ଅନୁସୂଚିତ ଜନଜାତି ଆର୍ ଅନୁସୂଚିତ୍ ଜାତି ଉନ୍ନୟନ ବିଭାଗ୍ ତର୍‌ଫୁ ଆଏବାକାଏଲ୍ ଆଦିବାସୀ ମେଳା-୨୦୨୫ ମୂଲ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇତାକେ ଉଦ୍‌ଘାଟନ୍ କର୍‌ବେ । ଉସ୍‌ବ୍‌ଥି ବିଭାଗର୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ମାନ୍‌କର୍ ସହେତେ ବିଭାଗର୍ ସଚିବ୍‌ମାନେ ଯୋଗ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ମେଳା ଜାନୁୟାରୀ ୧୬ ତାରିଖ ତକ୍ ଚାଲ୍‌ବା । ଇ ମେଳା ଦିନର୍ ଅଢ଼େ ବଜେନୁ ରାତିର୍ ୯ ବଜେତକ୍ ଖୁଲା ରହେବା ଆର୍ ସଞ୍ଝର୍ ସାଢ଼େ ୬ନୁ ସାଢ଼େ ୮ତକ୍ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ହେବା ବଲି ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

## ସୁଭଦ୍ରା କିସ୍ତି — ଭୁବନେଶ୍ୱର ସମ୍ବାଦଦାତା

ସୁଭଦ୍ରା ଯୋଜ୍‌ନାର ହିତାଧିକାରୀମାନକୁ ଆଏବା ୧୫ ତାରିଖ୍ ଉତ୍‌ରୁ  ପହେଲା କିସ୍ତିର୍ ୪ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ମିଲ୍‌ବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଆଏଜ୍ ଇ ବାବ୍‌ଦେ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ଶ୍ରୀମତୀ ପରିଡ଼ା କହିଛନ୍, ସୁଭଦ୍ରା ଯୋଜ୍‌ନା ଅଧିନ୍‌ଥି ଗଲା ଡିସେମ୍ବର୍ ୩୦ ତାରିଖ୍ ତକ୍ ସର୍ଭେ ଲାଗି ସମିଆ ଧାରିଜ୍ ହେଇଥିଲା । ସର୍ଭେ ସମିଆକେ ଆଏବା ୧୫

ତାରିଖ୍‌ତକ୍ ବଢ଼ାଯାଇଛେ । ଇ ବାବ୍‌ଦେ ବ୍ୟାଙ୍କ୍‌ମାନ୍‌କର ସଙ୍ଗେ ବୈଠକ୍ ଭିଲ୍ ସଲାନ ବଲି ଶ୍ରୀମତୀ ପରିଡ଼ା କହିଛନ୍ । ମାର୍ଚ୍ଚ ୩୦ ତାରିଖ୍ ତକ୍ ଯୋଗ୍ୟ ହିତାଧିକାରୀମାନେ ଆବେଦନ୍ କଲେ ଭିଲ୍ ତାଙ୍କୁ ଥର୍‌କେ ଦୁଇଟା କିସ୍ତିର୍ ସାହାଜ୍ ଟଙ୍କା ମିଲ୍‌ବା ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ପ୍ରଧାନ୍‌ମନ୍ତ୍ରୀ - ରାୟଗଡ଼ା ରେଲ୍‌ମଣ୍ଡଲ୍ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ସୋମ୍‌ବାର୍ ଓଡ଼ିଶାର୍ ରାୟଗଡ଼ା ରେଲ୍‌ମଣ୍ଡଲ୍ ଲାଗି ଆଭାସୀ ଜରିଏ ସହେତେ ଭିନ୍ ଭିନ୍ ପ୍ରକଳ୍ପର୍ ଶିଲାନ୍ୟାସ୍ ଆର୍ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ରାୟଗଡ଼ା ରେଲ୍‌ମଣ୍ଡଲ୍ ମୁଖ୍ୟାଳୟ ଭବନ୍ ତିଆର୍ ଲାଗି ପାଖାପାଖି ଶହେ ୭ କୋଟି ଟଙ୍କା ମଞ୍ଜୁର୍ କରାଯାଇଛେ ।

ପକ୍ଷୀ ଗଣନା ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏବା ୧୮ ତାରିଖ୍‌ନୁ ପକ୍ଷୀ ଗନ୍‌ନା କରାଯିବା । ପହେଲାଥର୍ ଲାଗି ଚଢ଼େଇ ମାନ୍‌କର୍ ଗୁଡ଼େ ସାଟେଲାଇଟ୍ ଟ୍ରାକିଂ ରିଂ ଲଗାଯାଇକରି ସେମାନ୍‌କର୍ ପୁରା ଗତିବିଧି

ଜାନ୍‌ବାର୍ ଲାଗି ବ୍ୟବସ୍ଥା କରାଯାଇଛେ ବଲି ମୁଖ୍ୟ ବନ ସଂରକ୍ଷକ ପ୍ରେମ୍ କୁମାର୍ ଝା କହିଛନ୍ । ଚଢ଼େଇ ଗନ୍‌ନା ପ୍ରକ୍ରିୟା ୧୬ ତାରିଖ୍‌ନୁ ମୁଲ୍ ହେବାର୍‌କେ ଥିବାର୍ ବେଲେ ଇଥି ଛାତ୍ରଛାତ୍ରୀ ପକ୍ଷୀ ବିଶେଷଜ୍ଞ ପକ୍ଷୀ ସୁରକ୍ଷା ସମିତି ସଦସ୍ୟମାନ୍‌କୁ ସାମିଲ୍ କରାଯିବା ।

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ    ଭୁବନେଶ୍ୱର ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ବ୍ୟକ୍ତିଗତ୍ ସଚିବ୍ ଭାବେ ମନୋଜ୍ କୁମାର୍ ସାହୁଙ୍କୁ ନିଯୁକ୍ତି ଦିଆଯାଇଛେ । ଇ ବାବ୍‌ଦେ ଆଏଜ୍ ସାଧାରଣ ପ୍ରଶାସନ୍ ଆର୍ ଅଭିଯୋଗ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ଜାରି ହେଇଛେ । ମୁଖ୍ୟମନ୍ତ୍ରୀଙ୍କର୍ ବ୍ୟକ୍ତିଗତ ସଚିବ ଅରିନ୍ଦମ ଡାକୁଆଙ୍କୁ ଅଲ୍‌ଗା ବିଭାଗର୍ ଅତିରିକ୍ତ ଦାୟିତ୍ୱ ଦିଆଯିବାର୍ ଉତ୍‌ରୁ ଶ୍ରୀ ସାହୁଙ୍କୁ ତାଙ୍କର୍ ଜାଗାନ ନିଯୁକ୍ତି ମିଲିଛେ ।

ଟ୍ରେନ୍ ରହଣୀ ଜୁଏଲ୍ ଓରାମ୍        ଝାର୍‌ସୁଗୁଡ଼ା ସମ୍ବାଦଦାତା

କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ୍ ଆଏଜ୍ ସୁନ୍ଦରଗଡ଼ ଜିଲ୍ଲାର୍ ରାଜଗାଙ୍ଗ୍‌ପୁର ରେଳ ଷ୍ଟେସନ୍‌ଠାନେ ୩ଟା ଦ୍ରୁତଗାମୀ ଟ୍ରେନ୍ ରହେବାର୍‌ଟାକେ ଶୁଭାରମ୍ଭ କରିଛନ୍ । ଟ୍ରେନ୍‌ମାନ୍‌କର୍

ଭିତ୍‌ରେ ସମ୍ବଲପୁର-ଗୋରଖ୍‌ପୁର ମୌର୍ଯ୍ୟ ଏକ୍ସପ୍ରେସ୍, ପୁନେ-ହାଓ୍ୱଡ଼ା ଆଜାଦ୍ ହିନ୍ଦ ଏକ୍ସପ୍ରେସ୍ ଆର୍ ହଟିଆ-ଏସ୍‌ଏମ୍‌ଭିଟି ବେଙ୍ଗାଲୁରୁ ହଟିଆ ଏକ୍ସପ୍ରେସ୍ ଟ୍ରେନ୍ ରହିଛେ ।

ଲୋକ ମହୋତ୍ସବ୍ ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ବିର୍ସାମୁଣ୍ଡା ପଡ଼ିଆଠାନେ ୨୭ ନମ୍ବର୍ ସମ୍ବଲ୍‌ପୁର୍ ଲୋକ୍‌ମହୋତ୍ସବ୍ ୨୦୨୫ ଆଏଜ୍ ମୁଲ୍ ହେଉଛେ । ଉଦ୍‌ଘାଟନୀ ଉତ୍ସବ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆର୍ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ବିଧାୟକ୍ ଜୟନାରାୟଣ୍ ମିଶ୍ର, ପଦ୍ମଶ୍ରୀ କ୍ରୀଷ୍ଣା ପଟେଲ୍ ଭିଲ୍ ଉପସ୍ଥିତ୍ ରହେବେ । ମହୋତ୍ସବ୍‌ଥି ଲୁକି ଯାଉଥିବା ବାଦ୍ୟ, ଲୋକଗୀତ ଆର୍ ଲୋକନାଚ୍ ଇ କାର୍ଯ୍ୟକ୍ରମ୍‌ଥି ଠାନ୍ ପାଇଛନ୍ । ମାଏଲାଜଡ଼, ଛଉ, ଢାପ୍, ସିଦ୍ଧିଧମାଲ୍ ବାଗିର୍ ଲୋକ୍‌ନାଚ୍ ପ୍ରସ୍ତୁତ୍ କରାଯିବା ।

ସେଆଡ଼େ ଆଏଜ୍ ସଖାଲେ ମା ସମଲେଇଙ୍କର୍ ମନ୍ଦିର୍ ନ ପୂଜାର୍ଚ୍ଚନା ଉତ୍‌ରୁ ଗୁଟେ ସାଂସ୍କୃତିକ୍ ଶୋଭାଯାତ୍ରା ବାହାରିଥିଲା । ମହୋତ୍ସବ୍‌ଥି ସାମିଲ୍ ହେବାର୍‌କେ ଆସିଥିବା ସବୁ କଲାକାର୍ ଶୋଭାଯାତ୍ରାଥି ସାମିଲ୍ ହେଇଥିଲେ ।

ବର୍‌ଗଡ଼୍ ଧନୁଯାତ୍ରା        ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍‌ର ବିଶ୍ୱପ୍ରସିଦ୍ଧ ୭୭ ନମ୍ବର୍ ଧନୁଯାତ୍ରା ମହୋତ୍ସବ୍‌ଥି ଆଏଜ୍ ସହରର୍ ଲୋକମଣ୍ଡପ୍ ପଡ଼ିଆ ଠାନେ କଂସ ମହାରାଜ୍‌ଙ୍କର ରଙ୍ଗମହଲ୍ ଉଦ୍‌ଘାଟନ୍ ହେବା । ରାତି କୃଷ୍ଣଜନ୍ମ, କୃଷ୍ଣଙ୍କୁ ଧରିକରି ବସୁଦେବଙ୍କର୍ ଗୋପପୁର ଯାତ୍ରା, ଉଗ୍ରସେନଙ୍କର୍ ସଙ୍ଗେ ଭେଟ, ବିଜୁଳିକନ୍ୟାକେ ଧରିକରି ଫିର୍‌ବାର୍ ବାଗିର୍ ଦୃଶ୍ୟ ଅଭିନୟ ହେବ । ଇ ଉଧେ ଭିନ୍ ଭିନ୍ ସାଂସ୍କୃତିକ୍ ଦଲ୍ ନାଚ୍‌ଗୀତ୍ ପରିବେଷଣ୍ କର୍‌ବେ ।

ସୁବର୍ଣ୍ଣ ଲୋକ୍ ମହୋତ୍ସବ୍        ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ୍ ତର୍‌ଫୁ ୩୧ ନମ୍ବର୍ ସୁବର୍ଣ୍ଣ ଲୋକ୍ ମହୋତ୍ସବ୍ ଆର୍ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଲା ଆଏବା ୬ ତାରିଖନୁ ମୁଲ୍ ହେବା । ୧୦ ତାରିଖ୍ ତକ୍ ହେବାର୍‌କେ ଥିବା ମହୋତ୍ସବ୍‌ଥି ରାଜ୍ୟ ଆର୍ ରାଜ୍ୟ ବାହାରୁ ୩୮ଟା ସାଂସ୍କୃତିକ୍ ଦଲ୍ ଭାଗ୍ ନେବେ । ଇତାର୍‌ଛଡ଼ା ପଲ୍ଲିଶ୍ରୀ ମେଳାଥି ଏସ୍‌ଏଚ୍‌ଜିମାନ୍‌କର୍ ତରଫୁ ୧୨୦ଟା ଷ୍ଟଲ୍ ଖୁଲାହେବା । ଉଦ୍‌ଘାଟନୀ ଉଛବ୍‌ଥି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖିଆ କୁନୁଆ ଭାବେ ଯୋଗ୍‌ଦେବେ

ବଲି ଜିଲ୍ଲାପାଳ ଅନ୍ୟା ଦାସ ସାମ୍ବାଦିକ୍ ମାନ୍କୁ ସୂଚ୍ନା ଦେଇଛନ୍ ।

ସମ୍ବଲ୍ପୁର୍ - ଦୁର୍ଘଟଣା ସମ୍ବଲ୍ପୁର୍ ସମ୍ବାଦଦାତା

ସମ୍ବଲ୍ପୁର୍ ସହରର୍ ବରେଇପାଲି ଠାନେ ଜାତୀୟ ରାଜ୍ପଥ୍ ନ ଆଏଜ୍ ସଞ୍ଜ୍ବେଲା ଗୁଟେ ଅଜଣା ଗାଡ଼ି ଧକ୍କାଥି ୨ ଝନ୍କର୍ ଜୀବନ୍ ଯାଇଛେ । ମୃତକଙ୍କର୍ ପରିଚୟ ନାଇଁ ମିଲିପାରି । ପୁଲିସ୍ ପୁହୁଁଚିକରି ମୃତ ଦେହ ଜବତ୍ କରିକରି ତଦନ୍ତ ମୁଲ୍ କରିଛେ ।

ହକି ଇଣ୍ଡିଆ ଲିଗ୍ ଆର୍ଏନ୍ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍ ନ ଆଏଜ୍ ୨ ଟା ମେଚ୍ ଖେଲାଯିବା । ରାଉର୍କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଆଏଜ୍ ସଞ୍ଜର୍ ୬ ବଜେ ଦିଲ୍ଲୀ ଏସ୍.ଜି. ପାଇପର୍ସ ଆର୍ ସ୍ରାଚୀ ରାହା ବେଙ୍ଗଲ୍ ଟାଇଗର୍ସ ଭିତ୍ରେ ମେଚ୍ ଚାଲିଛେ । ୨ ନମ୍ବର୍ ମେଚ୍ ରାତିର୍ ୮ ବାଜିକରି ୧୫ ମିନିଟ୍ଥି ହାଇଦ୍ରାବାଦ ତୋଫାନ୍ସ ଆର୍ ଟିମ୍ ଗୋନାସିକା ଭିତ୍ରେ ହେବା ।

ଓଡ଼ିଶା ପ୍ରଥମ ସ୍ଥାନ    ଆର୍‌ଏନ୍‌ୟୁ/ କଟକ୍

ସର୍ବଭାରତୀୟ ଅନ୍‌ଲାଇନ୍ ପୋର୍ଟାଲ୍‌ଥି ସଂକ୍ରାମକ ରୋଗ୍ ବାବ୍‌ଦେ ସଠିକ୍ ସୂଚ୍‌ନା ଦେଇକରି ଓଡ଼ିଶା ପହେଲା ଠାନ୍ ହାସଲ୍ କରିଛେ । ଗଲାବଛର୍ ଜାନୁଆରୀ ନୁ ଡିସେମ୍ବର୍ ମାସ୍ ଭିତ୍‌ରେ ସମନ୍ୱିତ ରୋଗ ସର୍ବେକ୍ଷଣ କାର୍ଯ୍ୟକ୍ରମ୍‌ଥି ରାଜ୍ୟର୍ ୩୦ ଟା ଜିଲ୍ଲା ଆର୍ ୫ ଟା ମହାନଗର୍ ନିଗମ୍‌ର ୧୦ ହଜାର୍ ୬ ଶହ ୫୯ ରିପୋର୍ଟିଂ ୟୁନିଟ୍‌ନୁ ସଠିକ୍ ସମିଆଥି ତଥ୍ୟ ଦିଆଯାଇଥିବାର୍ ଜନାପଡ଼ିଛେ ।

ରିଂରୋଡ୍    ଆର୍‌ଏନ୍‌ୟୁ /ସମ୍ବଲପୁର

ପୂର୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ୍ ଓଡ଼ିଶା ନ ରାସ୍ତା ସଂଯୋଗ୍ ଲାଗି ଗୁଟେ ବଡ଼ ଯୋଜ୍‌ନା ଘୋଷ୍‌ନା କରିଛନ୍ । ପାଖାପାଖି ଲକ୍ଷେ କୋଟି ଟଙ୍କା ଖର୍ଚ୍ଚାଥି ରାଏଜେ ନୂଆଁ ରାସ୍ତା ତିଆର୍ ସଙ୍ଗେ ଭିନ୍ ଭିନ୍ ରାସ୍ତା ମରାମତ୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ପାଣିପାଗ    ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ରାଏଜେ ଆଏବା ୨ ଦିନ୍ ତକ୍ ଜବର୍ ଥଣ୍ଡା ଜାରି ରହେବା । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ସୋମ୍‌ବାର୍‌ନୁ ଶୀତ୍ ଟିକେ କମ୍‌ବା । ଉତର୍‌ପଶ୍ଚିମ ଭାଗେ ଗୁଟେ ପଶ୍ଚିମାଝଡ଼୍ ସକ୍ରିୟ ରହେବାର୍ ସମ୍ଭାବନା ଅଛେ ।  ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ପାଗ୍ ଶୁଖା ରହେବାର୍ ସହେତେ ସୁନ୍ଦର୍‌ଗଡ୍, କନ୍ଧମାଲ୍, ଅନୁଗୁଲ୍ ଆର୍ କୋରାପୁଟ୍ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ବହଲିଆ କୁହୁଡ଼ି ଦେଖାଦେବା । ଗଲା ୨୪ ଘଂଟା ଭିତ୍‌ରେ ରାତିର୍ ସବୁନୁ କମ୍ ତାପମାତ୍ରା ଫୁଲ୍‌ବାଣୀ ନ ୭ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ କରାଯାଇଛେ ।